بسم الله الرحمن الرحيم

**ଖୁତ୍‌ବା ଜୁମା ୨ଜୁନ୍ ୨୦୨୩ର ସାରାଂଶ**
**ସ୍ଥାନ- ମସ୍‌ଜିଦ୍ ବୈତୁଲ୍ ଫୁତୁହ୍, ଲଣ୍ଡନ (ୟୁ.କେ)**

# ବଦର୍ ଯୁଦ୍ଧ ସଂପର୍କରେ ଆଁହଜରତ ସ.ଅଙ୍କ ଜୀବନୀ ଓ ଇତିହାସର ବିଶ୍ୱାସବର୍ଦ୍ଧକ ଘଟଣାବଳୀ ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ;- ବଦ୍‌ରୀ ସାହାବାମାନଙ୍କ ଜୀବନୀ ଚର୍ଚ୍ଚା ଓ ସେମାନଙ୍କର ବଳିଦାନ ସଂପର୍କରେ ମୁଁ ନିରନ୍ତର ଖୁତ୍‌ବାମାନଙ୍କରେ ବର୍ଣ୍ଣନା କରି ଆସିଛି । ଅତଏବ ଅନେକ ଲୋକମାନେ ଏହି ଇଚ୍ଛା ପ୍ରକାଶ କଲେ ଓ ମୋତେ ପତ୍ର ଲେଖି ଜଣାଇଲେ ଯେ, ହୁଜୁର ! ଆପଣ ଅ.ବ ଯଦି ଆଁହଜରତ ସ.ଅଙ୍କ ଜୀବନୀ ସଂକ୍ରାନ୍ତରେ ବର୍ଣ୍ଣନା ନ କରନ୍ତି ତେବେ ଆମର ଅବଶୋଷ ରହିଯିବ ଓ ଆମର ତୃଷ୍ଣା ମେଣ୍ଟିବ ନାହିଁ । କାରଣ ପ୍ରକୃତ କେନ୍ଦ୍ରସ୍ଥଳୀ ଆଁହଜରତ ସ.ଅଙ୍କ ଅସ୍ତିତ୍ୱ ହିଁ ଥିଲା । ଯାହାଙ୍କ ଚତୁର୍ପାର୍ଶ୍ୱରେ ସାହାବାମାନେ ପରିକ୍ରମଣ କରୁଥିଲେ ଏବଂ ଆପଣ ସ.ଅଙ୍କ ସହିତ ସଂଶ୍ଳିଷ୍ଟ ହୋଇ ସାହାବାମାନେ ବଳିଦାନ କରିବାର ଏଭଳି ଅଦୃଷ୍ଟାନ୍ତନୀୟ ସ୍ତର ପ୍ରାପ୍ତ କଲେ ଓ ନବ ନବ ଆଚାର ବ୍ୟବହାର ଶିକ୍ଷା କରି ଏକେଶ୍ୱରବାଦ ପ୍ରସାରିତ କରିବା ଓ ସ୍ୱୟଂ ତାହାର ବ୍ୟବହାରିକ ଆଦର୍ଶ ଓ ଉଦାହରଣ ସୃଷ୍ଟି କରି ସେହି ସ୍ତର ସେମାନେ ପ୍ରାପ୍ତ କଲେ ଯାହା ଆପଣ ସ.ଅଙ୍କ ଐଶୀ ଶକ୍ତି ତଥା ଅଲ୍ଲାଃତାଲାଙ୍କ ପ୍ରିୟ ହେବାର ପ୍ରମାଣ ଅଟେ । ଅତଏବ ଆପଣ ସ.ଅଙ୍କ ଜୀବନୀ ବର୍ଣ୍ଣନା କରିବା ମଧ୍ୟ ନିତ୍ୟାନ୍ତ ଆବଶ୍ୟକ ।

ଆଁହଜରତ ସ.ଅଙ୍କ ଜୀବନୀର ବିଭିନ୍ନ ଦିଗ ଓ ପକ୍ଷ ଉପରେ ବିଗତ କିଛି କାଳ ଧରି ଖୁତ୍‌ବା ମଧ୍ୟ ଦେଇଛି । କିନ୍ତୁ ଆଁହଜରତ ସ.ଅଙ୍କ ଜୀବନୀ ହେଉଛି ଏଭଳି ଏକ ପକ୍ଷ ଯେ, ଯାହାକୁ ସୀମିତ ଶବ୍ଦରେ ଆବଦ୍ଧିତ କରାଯାଇପାରିବ ନାହିଁ । ଆପଣ ସ.ଅଙ୍କ ଜୀବନୀର ଗୋଟିଏ ଗୋଟିଏ ସୁଗୁଣାବଳୀ ଏଭଳି ଯାହାକୁ ପରିସରଭୁକ୍ତ କରାଯାଇ ପାରିବ ନାହିଁ । ଆଁହଜରତ ସ.ଅଙ୍କ ଏହି ଜୀବନୀ **ଇନ୍‌ଶାଅଲ୍ଲାଃ** ସମୟେ ସମୟେ ବର୍ଣ୍ଣନା ମଧ୍ୟ ହେଉଥିବ ତାହା ନୁହେଁ । ବରଂ ପ୍ରତ୍ୟେକ ଖୁତ୍‌ବା ଓ ଉଦ୍‌ବୋଧନରେ ଆପଣ ସ.ଅଙ୍କ ପବିତ୍ର ଜୀବନୀର କୌଣସି ନା କୌଣସି ପକ୍ଷ ଯେକୌଣସି ଢଙ୍ଗରେ ବର୍ଣ୍ଣନା ମଧ୍ୟ ହୋଇଥାଏ । କାରଣ ଏହା ହିଁ ଆମ ଜୀବନର ମାନଦଣ୍ଡ ଓ କେନ୍ଦ୍ରବିନ୍ଦୁ ଅଟେ । ଏହାକୁ ବାଦ୍ ଦେଲେ ଆମମାନଙ୍କର ବିଶ୍ୱାସ ପୂର୍ଣ୍ଣ ହୋଇପାରିବ ନାହିଁ ଏବଂ ଅଲ୍ଲଃତାଲାଙ୍କ ପ୍ରେରିତ ଧର୍ମବିଧାନ ଉପରେ କାର୍ଯ୍ୟାନୁସରଣ ମଧ୍ୟ ହୋଇପାରିବ ନାହିଁ । ସେ ଯାହା ହେଉ ନା କାହିଁକି ମୁଁ ବର୍ତ୍ତମାନ ବଦର୍ ଯୁଦ୍ଧ ସଂପର୍କରେ ଆପଣ ସ.ଅଙ୍କ ଜୀବନୀ ଓ ଇତିହାସର ଘଟଣାବଳୀ ଉପସ୍ଥାପିତ କରିବି ଏବଂ ଏହି ପରମ୍ପରା ଆସନ୍ତାରେ ମଧ୍ୟ କେତେକ ଖୁତ୍‌ବାତ୍‌ରେ ଅବ୍ୟାହତ ରହିବ ।

ଆପଣ ସ.ଅଙ୍କର ଉତ୍ତମ ଆଦର୍ଶ ହିଁ ସାହାବାମାନଙ୍କୁ ଅଜସ୍ର ବଳିଦାନ କରିବାର ଉତ୍ସାହ ପ୍ରଦାନ କରିଥିଲା ଏବଂ ଏହି ଉତ୍ସାହ ପ୍ରଦାନ କରି ସେମାନେ ବୀର ଯୋଦ୍ଧା, ଶହୀଦ୍, ଅଲ୍ଲାଃତାଲାଙ୍କର ପ୍ରିୟ ହୋଇପାରି ଥିଲେ ଓ ଅଲ୍ଲାଃତାଲା ମଧ୍ୟ ସେମାନଙ୍କ ଉପରେ ପ୍ରସନ୍ନ ହୋଇଥିଲେ, ଯାହାର ଉଦାହରଣ ଆମେମାନେ ନିଜ ଜୀବନରେ ଅବଲୋକନ କରୁଅଛୁ। ଅତଏବ ଉକ୍ତ ଯୁଦ୍ଧ ସଂକ୍ରାନ୍ତରେ ମଧ୍ୟ ଆପଣ ସ.ଅଙ୍କ ଆଦର୍ଶର ବର୍ଣ୍ଣନା ମଧ୍ୟ ଏକାନ୍ତ ଅପରିହାର୍ଯ୍ୟ । ଯୁଦ୍ଧର ଆଲୋଚନା ପୂର୍ବରୁ ଯୁଦ୍ଧର କାରଣଗୁଡ଼ିକ ସଂପର୍କରେ ମଧ୍ୟ ବର୍ଣ୍ଣନା କରିଦେବା ଏହି ସ୍ଥଳେ ଅନୁକୂଳ ହେବ । ଅର୍ଥାତ କାହିଁକି ଓ କେଉଁ ପରିସ୍ଥିତିରେ ଯୁଦ୍ଧ ସଂଘଟିତ ହୋଇଥିଲା ? ଅତଏବ ସର୍ବ ପ୍ରଥମେ ମୁଁ କିଛି ନା କିଛିଟା ପୃଷ୍ଠଭୂମି

ସଂକ୍ରାନ୍ତରେ ଆପଣ ସ.ଅଙ୍କ ଜୀବନୀ ଓ ଆପଣ ସ.ଅଙ୍କ ଦ୍ୱାରା ଆଗତ ସୁନ୍ଦର ଶିକ୍ଷା ଅର୍ଥାତ ପବିତ୍ର କୁରଆନ ଦ୍ୱାରା ବିଭିନ୍ନ ଦିଗ ପ୍ରକାଶିତ ହୋଇଯାଇଥାଏ ।

ବଦର୍ ଯୁଦ୍ଧର କାରଣ ସଂକ୍ରାନ୍ତରେ ବର୍ଣ୍ଣନା କରି ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ **"ସିରତ୍ ଖାତମୁନ୍ ନବୀୟିନ୍ ସ.ଅ"**ରେ ଉଲ୍ଲେଖ କରନ୍ତି ଯେ, ମକ୍କାର ଅବିଶ୍ୱାସକାରୀମାନେ ଇସ୍‌ଲାମ୍ ତଥା ମୁସଲମାନମାନଙ୍କ ବିରୁଦ୍ଧରେ ଯେଉଁ ଅକଥନୀୟ ଆଚରଣ ପ୍ରଦର୍ଶନ କଲେ ତଥା ଯେଉଁ ଯୋଜନା ପ୍ରସ୍ତୁତ କଲେ ତାହା ଯେକୌଣସି ଯୁଗରେ ଓ ଯେକୌଣସି ସ୍ଥଳେ ଉଭୟ ଜାତିକୁ ବାଦ୍ ଦେଲେ ଯୁଦ୍ଧ ସଂଘଟିତ ହେବା ନିମନ୍ତେ ଯଥେଷ୍ଟ କାରଣ ବାଢି ଦେଇଥିଲା । ବିଭିନ୍ନ ନିନ୍ଦା, ଅପବାଦ, ତିରସ୍କାରମୂଳକ ଆଚରଣ ତଥା ଅସଦାଚରଣ ସହ ମୁସଲମାନମାନଙ୍କୁ ଏକେଶ୍ୱରବାଦର ଉପାସନା ଓ ଉଦ୍‌ଘୋଷଣାରୁ ବାଧ୍ୟତାମୂଳକ ଭାବରେ ରୋକିଥିଲେ । ମୁସଲମାନମାନଙ୍କୁ ମାଡ଼ ମରାଗଲା, ମୁସଲମାନମାନଙ୍କର ଧନରତ୍ନ ସବୁ ଲୁଣ୍ଠନ କରିନିଆଗଲା, କେତେକ ମୁସଲମାନମାନଙ୍କୁ ନୃଶଂସ ଭାବରେ ହତ୍ୟା ମଧ୍ୟ କରାଗଲା, ମୁସଲମାନମାନଙ୍କର ମହିଳାମାନଙ୍କ ପ୍ରତି ଧର୍ଷଣ ମଧ୍ୟ କରାଗଲା । ଯେତେବେଳେ କେତେକ ମୁସଲମାନମାନେ ହବ୍‌ଶା (ବର୍ତ୍ତମାନର ଇଥିଓପିୟା) ଅଭିମୁଖେ ପ୍ରବାସ କଲେ ସେତେବେଳେ ମକ୍କାର ଅବିଶ୍ୱାସକାରୀମାନେ ନଜ୍ଜାଶୀର ଦରବାର ପର୍ଯ୍ୟନ୍ତ ସେହି ପ୍ରବାସ କରିଥିବା ମୁସଲମାନମାନଙ୍କୁ ଫେରାଇ ଆଣିବା ଲାଗି ପିଛା କଲେ । ମୁସଲମାନମାନଙ୍କର ସର୍ଦ୍ଦାର ଅର୍ଥାତ ଆଁହଜରତ ସ.ଅଙ୍କୁ ପ୍ରତ୍ୟେକ ଦିଗରୁ କଷ୍ଟ ଦିଆଯାଇଥିଲା, ତାଏଫ୍ ଠାରେ ଆପଣ ସ.ଅଙ୍କ ଉପରକୁ ପଥର ବର୍ଷଣ କରାଗଲା, ପରିଶେଷରେ ମକ୍କାର ୟାରଲିମାନରେ ସମସ୍ତ ସର୍ଦ୍ଦାରମାନଙ୍କ ସହମତି କ୍ରମେ ଏହି ନିଷ୍ପତ୍ତି ନିଆଗଲା ଯେ, ମୁହମ୍ମଦ୍ ସ.ଅଙ୍କୁ **ନାଉଜୁ ବିଲ୍ଲାଃ** ହତ୍ୟା କରିଦିଆଯାଉ । ପୁନଶ୍ଚ ଉକ୍ତ ରକ୍ତାକ୍ତମୟ ଷଡ଼ଯନ୍ତ୍ରକୁ ରୂପାନ୍ତର କରିବା ଲାଗି ମକ୍କାର ଯୁବକମାନେ ରାତ୍ର ସମୟରେ ଆଁହଜରତ ସ.ଅଙ୍କ ଘର ଉପରେ ସହସା ଆକ୍ରମଣ କଲେ । ହେଲେ ପ୍ରଭୁ ନିଜର କୃପାବତୀର୍ଣ୍ଣ କଲେ ଓ ଆପଣ ସ.ଅଙ୍କୁ ସୁରକ୍ଷିତ ରଖିଲେ। ଆପଣ ସ.ଅ ନିଜର ଜୀବନ ବଞ୍ଚାଇ ଗାରେ ସୋର୍ (ସୋର ଗୁମ୍ଫା)ରେ ଆଶ୍ରୟ ନେଲେ । କ'ଣ ଏହି ସମସ୍ତ ଯୋଜନା ଓ ରକ୍ତାକ୍ତମୟ ସନ୍ଧି, ସଂଘର୍ଷ ମକ୍କାର ଅବିଶ୍ୱାସକାରୀଙ୍କ ପୁକ୍ଷରୁ ଯୁଦ୍ଧ ଘୋଷଣା ନଥିଲା ? କ'ଣ କୁରୈଶମାନଙ୍କର ସେହି ଅତ୍ୟାଚାର ମୁସଲମାନମାନଙ୍କ ପକ୍ଷରୁ ଆତ୍ମରକ୍ଷା ସକାଶେ ଯୁଦ୍ଧ କରିବାର ମୂଳ କାରଣ ନଥିଲା? କ'ଣ ସଂସାରରେ କୌଣସି ଆତ୍ମାଭିମାନୀ ଜାତି ଏସବୁ ପରିସ୍ଥିତି ସତ୍ତ୍ୱେ ଅବିଶ୍ୱାସକାରୀମାନେ ମୁସଲମାନମାନଙ୍କୁ ଦେଇଥିବା ସେହି ଅଲଟିମେଟମ୍ ସ୍ୱୀକାର କରିବାରୁ ପଶ୍ଚାତପଦ ରହିପାରିବ କି ? ନିଃସନ୍ଦେହ ରୂପେ ମୁସଲମାନମାନଙ୍କ ସ୍ଥାନରେ ଯଦି ଅନ୍ୟ କୌଣସି ଜାତି ହୋଇଥାଆନ୍ତା ତେବେ ସେହି ଜାତି ବହୁ ପୂର୍ବରୁ ଅବିଶ୍ୱାସକାରୀମାନଙ୍କ ସହିତ ଯୁଦ୍ଧ କରି ନେଇଥାନ୍ତା । କିନ୍ତୁ ମୁସଲମାନମାନଙ୍କୁ ସେମାନଙ୍କର ପ୍ରିୟ ମୁନିବ ହ. ମୁହମ୍ମଦ ସ.ଅଙ୍କ ପକ୍ଷରୁ ଯୁଦ୍ଧ କରିବାର ଆଦେଶ ଦିଆଯାଇ ନଥିଲା । ଯେତେବେଳେ ମକ୍କାରେ କେତେକ ସାହାବାମାନେ ଅବିଶ୍ୱାସକାରୀମାନଙ୍କର ଅତ୍ୟାଚାର ଯୋଗୁଁ ପ୍ରତିକ୍ରିୟା ପ୍ରଦର୍ଶନ କରିବା ନିମନ୍ତେ ଅନୁମତି ଲୋଡ଼ିଲେ ସେତେବେଳେ ଆପଣ ସ.ଅ ସାହାବାମାନଙ୍କୁ ବାରଣ କରି କହିଲେ, ମୋତେ କ୍ଷମା ପ୍ରଦର୍ଶନ କରିବାର ଆଦେଶ ଦିଆଯାଇଛି ।

ଏହିପରି ଭାବରେ ଅବିଶ୍ୱାସକାରୀମାନଙ୍କର ଅକଥନୀୟ ନିର୍ଯାତନା ସହ୍ୟ କରୁ କରୁ ବହୁ ସମୟ ବିତିଗଲା ଏବଂ ମୁସଲମାନମାନଙ୍କୁ ମକ୍କାରୁ ନିର୍ବାସିତ ହେବାର କଷଣ ସହ୍ୟ କରିବାକୁ ପଡ଼ିଥିଲା । ଅତଃ ଏହାପରେ ମୁସଲମାନମାନଙ୍କୁ ଆତ୍ମରକ୍ଷା ନିମନ୍ତେ ଯୁଦ୍ଧ କରିବାକୁ ଅଲ୍ଲାଃତାଲା ଅନୁମତି ପ୍ରଦାନ କରିଥିଲେ । ସୁତରାଂ ଆଁହଜରତ ସ.ଅଙ୍କର ପ୍ରବାସ କୁରୈଶମାନଙ୍କ ପକ୍ଷରୁ ଚରମପତ୍ର ସ୍ୱୀକାର କରିବାର ଏକ ଜ୍ୱଳନ୍ତ ନିଦର୍ଶନ । ତହିଁରେ ଈଶ୍ୱରଙ୍କ ପକ୍ଷରୁ ଯୁଦ୍ଧ ଘୋଷଣାର ଏକ ଗୁପ୍ତ ଇଙ୍ଗିତ ରହିଥିଲା ଯାହାକୁ ଉଭୟ ଅବିଶ୍ୱାସକାରୀ ଓ ମୁସଲମାନମାନେ ହୃଦୟଙ୍ଗମ କରୁଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଅତ୍ୟାଚାରୀ କୁରୈଶ୍ ସେହି ଗୁପ୍ତ ଇଙ୍ଗିତକୁ ବୁଝିଲେ ନାହିଁ । ଅନ୍ୟଥା ବେଳ ଥାଉ ଥାଉ ସେମାନେ ତହିଁରୁ ନିବୃତ୍ତ ହୋଇଯାଇ ପାରି ଥାଆନ୍ତେ ଏବଂ ଧର୍ମ ପ୍ରସଙ୍ଗରେ ବାଧ କରିବାରୁ ପରିତ୍ୟାଗ କରିଦେଇ ଥାଆନ୍ତେ ଏବଂ ମୁସଲମାନମାନଙ୍କୁ ଶାନ୍ତିପୂର୍ଣ୍ଣ ଭାବରେ ଜୀବନଯାପନ କରିବାକୁ ଦେଇ ଥାଆନ୍ତେ। ତେବେ ସେପରିପ୍ରେକ୍ଷୀରେ ସେମାନଙ୍କୁ ଏବେ ବି କ୍ଷମା କରିଦିଆ ଯାଇଥାଆନ୍ତା । କିନ୍ତୁ ବିଧିର ବିଧାନ ପୂର୍ଣ୍ଣ ହେବାକୁ ଥିଲା ଓ ଆଁହଜରତ ସ.ଅଙ୍କ ପ୍ରବାସ ଜଳୁଥିବା ଅଗ୍ନୀରେ ତୈଳର କାର୍ଯ୍ୟ କଲା । ଆଁହଜରତ ସ.ଅଙ୍କର ପ୍ରବାସ ପରେ ଅବିଶ୍ୱାସକାରୀମାନେ ସର୍ବପ୍ରଥମ ଯେଉଁ କାର୍ଯ୍ୟ କଲେ ତାହା ଏହିକି ଯେ, ଅବିଶ୍ୱାସକାରୀମାନେ ଆଁହଜରତ

ସ.ଅଙ୍କୁ ଖୋଜିବାକୁ ବାହାରି ପଡ଼ିଲେ ଓ ଗାରେ ସୋରର ମୁଖ ଦ୍ୱାର ପର୍ଯ୍ୟନ୍ତ ସେମାନେ ପହଞ୍ଚିଗଲେ । ଇତ୍ୟବସରରେ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ବିଶେଷ ସାହାଯ୍ୟ କଲେ ଓ କୁରୈଶମାନଙ୍କର ଚକ୍ଷୁରେ ପରଦା ପକାଇ ଦେଲେ । କୁରୈଶମାନେ ଏତିକିରେ ଅଟକି ଯାଇ ନଥିଲେ ବରଂ ଆପଣ ସ.ଅଙ୍କୁ ଧରି ଆଣିବା ନିମନ୍ତେ ଧରାଳୀଙ୍କୁ ଏକଶତ ଓଟ ପୁରସ୍କାର ପ୍ରଦାନ କରିବାର ଘୋଷଣା କରିଦେଲେ । ସୁତରାଂ କୋଡ଼ିଏରୁ ଅଧିକ ଯୁବକମାନେ ଆଁହଜରତ ସ.ଅଙ୍କ ସନ୍ଧାନରେ ବାହାରି ପଡ଼ିଲେ । ପରିଣାମ ସ୍ୱରୂପ ଅବିଶ୍ୱାସକାରୀମାନଙ୍କୁ ନିଜର ଏହି ଯୋଜନାରେ ମଧ୍ୟ ବିଫଳ ଓ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା ।

ଏହିପରି ଭାବରେ ଆଁହଜରତ ସ.ଅ ଯେତେବେଳେ ମଦିନା ପ୍ରବାସ କରିଗଲେ ସେତେବେଳେ ମକ୍କାର କୁରୈଶ୍‌ମାନେ ମଦିନାର ଧନାଢ୍ୟ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ ଓ ତାହାର ସାଥିମାନଙ୍କୁ ଧମକପୂର୍ଣ୍ଣ ପତ୍ର ଲେଖିଲେ ଯେ, ତୁମେ ଆମର ଜଣେ ସାଥିଙ୍କୁ ଆଶ୍ରୟ ଦେଇଛ । ଆମେ ଭଗବାନଙ୍କ ଶପଥ କରି କହୁଛୁ ଯେ, ତୁମେ ଉକ୍ତ ବ୍ୟକ୍ତି ସହିତ ଯୁଦ୍ଧ କର ଅବା ଏଠାରୁ ତା'କୁ ବାହାର କରିଦିଅ । ଅନ୍ୟଥା ଆମେମାନେ ସମସ୍ତେ ଏକତ୍ରିତ ହୋଇ ତୁମ ଉପରେ ଆକ୍ରମଣ କରିବୁ ଏବଂ ତୁମର ଯୋଦ୍ଧାମାନଙ୍କୁ ହତ୍ୟା କରିଦେବୁ ଓ ତୁମର ମହିଳାମାନଙ୍କୁ ନିଜ ଅକ୍ତିଆରକୁ ନେଇ ଆସିବୁ । ସୁତରାଂ ଯେତେବେଳେ ଉକ୍ତ ପତ୍ରଟି ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍‌ର ପିତୁଳା ଉପାସକମାନଙ୍କୁ ପ୍ରାପ୍ତ ହେଲା ସେତେବେଳେ ସେମାନେ ନବୀ ସ.ଅଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଏକତ୍ରିତ ହୋଇଗଲେ । ଆଁହଜରତ ସ.ଅଙ୍କୁ ଯେତେବେଳେ ଉକ୍ତ ସୂଚନାଟି ପ୍ରାପ୍ତ ହେଲା ସେତେବେଳେ ଆପଣ ସ.ଅ ସେମାନଙ୍କୁ ସାକ୍ଷାତ୍ କଲେ ଓ ସେମାନଙ୍କୁ ବୁଝାସୁଝା କଲେ ତଥା ଯୁଦ୍ଧ କରିବାରୁ ବାରଣ କଲେ ।

ଏହିପରି ଭାବରେ ମକ୍କାର କୁରୈଶମାନେ ଅତ୍ୟନ୍ତ ଉତ୍ତମ ଢଙ୍ଗରେ ଆରବର ଅନ୍ୟ ସଂପ୍ରଦାୟମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ଉସ୍‌କାଇଥିଲେ ଓ ଯୁଦ୍ଧ ନିମନ୍ତେ ସେମାନଙ୍କୁ ପ୍ରସ୍ତୁତ କରିଥିଲେ । ଫଳତଃ ସମସ୍ତ ଆରବବାସୀ ମଦିନାବାସୀଙ୍କର ଶତ୍ରୁ ପାଲଟି ଗଲେ । ଅବସ୍ଥା ଏପରି ଶୋଚନୀୟ ହୋଇଗଲା ଯେପରି ମଦିନା ଆଖପାଖରେ ଖାଲି ଅଗ୍ନୀ ହିଁ ଅଗ୍ନୀ ରହିଥିଲା । ମଦିନା ଭିତରେ ଏହି ପରିସ୍ଥିତି ଥିଲା ଯେ, ବର୍ତ୍ତମାନ ସୁଦ୍ଧା ଓ୍ୱସ୍ ଓ ଖଜ୍‌ରଜ୍ ସଂପ୍ରଦାୟ ମଧ୍ୟରେ ଏକ ବିଶାଳ ଗୋଷ୍ଠୀ ଶିର୍କ ଉପରେ ପ୍ରତିଷ୍ଠିତ ଥିଲା । ପ୍ରକାଶ୍ୟ ରୂପେ ସେମାନେ ନିଜ ଭାଇ ବନ୍ଧୁମାନଙ୍କ ସହିତ ଥିଲେ । କିନ୍ତୁ ସେହି ପରିସ୍ଥିତିରେ ଜଣେ ଅବିଶ୍ୱାସକାରୀର କ'ଣ ବା ବିଶ୍ୱାସ କରାଯାଇ ପାରିଥାଆନ୍ତା? ପୁନଶ୍ଚ **ଦ୍ୱିତୀୟ** ସ୍ଥାନରେ କପଟବିଶ୍ୱାସୀମାନେ ଥିଲେ ଯେଉଁମାନେ ଅହରହ ଭାବରେ ଇସ୍‌ଲାମ୍ ଧର୍ମର ଘୋର ବିରୋଧୀ ହୋଇ ଆସୁଥିଲେ । **ତୃତୀୟ**ରେ ଇହୁଦୀମାନେ ଥିଲେ, ଯେଉଁମାନଙ୍କ ସହିତ ଚୁକ୍ତି ହୋଇ ସାରିଥିଲା। କିନ୍ତୁ ସେହି ଇହୁଦୀମାନଙ୍କ ନିକଟରେ ଚୁକ୍ତିର କୌଣସି ମୂଲ୍ୟ ନଥିଲା । ଅତଃ ସେହି ସମୟରେ ମଦିନା ମଧ୍ୟସ୍ଥ ପରିବେଶ ମୁସଲମାନମାନଙ୍କ ବିରୁଦ୍ଧରେ ଏକ ଗୁପ୍ତ ବାରୁଦ ଗଦା ଠାରୁ କିଛି କମ ନଥିଲା । ଆରବ ସଂପ୍ରଦାୟର ସାମାନ୍ୟତମ ଅଗ୍ନୀ ସ୍ଫୁଲିଙ୍ଗ ମୁସଲମାନମାନଙ୍କୁ ମଦିନାରୁ ସହସା ବିସ୍ଫୋରଣ କରି ଉଡ଼ାଇ ଦେବା ପାଇଁ ଯଥେଷ୍ଟ ଥିଲା। ମୁସଲମାନମାନଙ୍କ ଉପରେ ଏହାଠୁ ଅଧିକ ଘଡ଼ିସନ୍ଧି ମୁହୂର୍ତ୍ତ କେବେ ଆସି ନଥିଲା । ଅତଏବ ଏହିଭଳି ପରିସ୍ଥିତିରେ ଆଁହଜରତ ସ.ଅଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହେଲା ଏବଂ ମୁସଲମାନମାନଙ୍କୁ ଖଡ୍‌ଗ ଜିହାଦ କରିବାକୁ ଅନୁମତି ଓ ଆଦେଶ ପ୍ରାପ୍ତ ହେଲା । ଜିହାଦ୍ ବିସ୍‌ସୈଫ୍ (ଖଡ୍‌ଗ ଯୁଦ୍ଧ) ସଂକ୍ରାନ୍ତରେ ସର୍ବପ୍ରଥମ ଆୟତ୍ ସଫର୍ ମାସ ୧୨ ତାରିଖ ୨ ହିଜରୀରେ ଅବତୀର୍ଣ୍ଣ ହେଲା । ସେତେବେଳେ ଆଁହଜରତ ସ.ଅଙ୍କୁ ମଦିନା ଆସିବାକୁ ପ୍ରାୟ ଏକ ବର୍ଷ ଅତିବାହିତ ହୋଇଯାଇଥିଲା । ହୁଜୁର ଅନଓ୍ୱର୍ ଅ.ବ କହିଲେ, ଏହା ହ. ମିର୍ଜା ବଶୀର୍ ଅହେମଦ ସାହେବଙ୍କ ଗବେଷଣା ଅଟେ । କେତେକଙ୍କ ନିକଟରେ ଉକ୍ତ ଆୟତ୍‌ଟି ହିଜ୍‌ରତ୍ ପରେ ଅବତୀର୍ଣ୍ଣ ହୋଇଥିଲା । କାରଣ ହିଜ୍‌ରତ୍‌ର ତୁରନ୍ତ ପରେ ହିଁ ଆଁହଜରତ ସ.ଅ ମକ୍କାର ଅବିଶ୍ୱାସକାରୀମାନଙ୍କର କେତେକ ଦଳମାନଙ୍କୁ ରୋକିବା ନିମନ୍ତେ ସଶସ୍ତ୍ର ସୈନ୍ୟ ଟୁକୁଡ଼ି ପ୍ରେରଣ କରିଥିଲେ ।

ସୁରାହ୍ ହଜ୍‌ର ଏହି ଦୁଇଟି ଆୟତ୍ ରହିଛି ଯହିଁରେ ଜିହାଦ୍ ବିସ୍‌ସୈଫ୍‌ର ପ୍ରଥମ ଥର କରି ଅନୁମତି ପ୍ରଦାନ କରାଯାଇଥିଲା । ଅଲ୍ଲାଃତାଲା କୁହନ୍ତି ଯେ, ***"ଯେଉଁମାନଙ୍କ ସହିତ ଅକାରଣରେ ଯୁଦ୍ଧ କରାଯାଏ, ସେମାନଙ୍କୁ ଏବେ ଯୁଦ୍ଧ କରିବା ପାଇଁ ଅନୁମତି ଦିଆଯାଉଅଛି । କାରଣ ସେମାନଙ୍କ ପ୍ରତି ଅତ୍ୟାଚାର କରାଯାଇଛି ଏବଂ ବାସ୍ତବିକ ଅଲ୍ଲାଃ***

*ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ସମର୍ଥ ଓ ସକ୍ଷମ ଅଟନ୍ତି । ଏମାନେ ଯେଉଁମାନଙ୍କୁ ସେମାନଙ୍କ ଗୃହରୁ କେବଳ ଅଲ୍ଲାଃ ଆମମାନଙ୍କର ପାଳନକର୍ତ୍ତା ଅଟନ୍ତି ବୋଲି କହିବାରୁ କୌଣସି ଯୁକ୍ତିଯୁକ୍ତ କାରଣ ନଥାଇ ମଧ୍ୟ ବିତାଡ଼ିତ କରାଗଲା ଏବଂ ଯଦି ଅଲ୍ଲାଃ ଏହି ବିଶ୍ୱାସକାରୀମାନଙ୍କ ମଧ୍ୟରୁ କେତେକଙ୍କୁ ଅନ୍ୟ କେତେକଙ୍କ ଦ୍ୱାରା ଦୁଷ୍ଟାମୀରୁ ଦୂରେଇ ନ ରଖନ୍ତେ ତେବେ ଆଶ୍ରମ, ଗୀର୍ଜା ଆଦି ଉପାସନା ଗୃହ ଓ ମସ୍‌ଜିଦ୍‌ମାନଙ୍କୁ ଯେଉଁଠାରେ ଅଲ୍ଲାଃତାଲାଙ୍କ ନାମ ବହୁଳ ଭାବରେ ନିଆଯାଏ, ଧ୍ୱଂସ କରିଦିଆଯାଇ ଥାଆନ୍ତା । ଅଲ୍ଲାଃ ସେହିମାନଙ୍କୁ ସାହାଯ୍ୟକରିବେ ଯେଉଁମାନେ ତାହାଙ୍କୁ ଅର୍ଥାତ ଅଲ୍ଲାଃଙ୍କ ଧର୍ମକୁ ସାହାଯ୍ୟ କରିବେ । ବାସ୍ତବିକ ଅଲ୍ଲାଃ ଅତ୍ୟନ୍ତ ବଳବାନ ଓ ପରାକ୍ରମୀ ।"* ହୁଜୁର ଅନୱର୍ ଅ.ବ କହିଲେ ଏଠାରେ ପ୍ରତ୍ୟେକ ଧର୍ମାବଲମ୍ବୀମାନଙ୍କର ଉପାସନା ସ୍ଥଳୀର ନାମ ନେଇ ତା'ର ସୁରକ୍ଷା କଥା କୁହାଯାଇଛି।

ଜିହାଦ୍ ଅନିର୍ବାର୍ଯ୍ୟ ହେବା ପରେ ଆଁହଜରତ ସ.ଅ ଅବିଶ୍ୱାସକାରୀମାନଙ୍କର ଦୁଷ୍ଟାମୀ ଠାରୁ ମୁସଲମାନମାନଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ପ୍ରାରମ୍ଭିକ ରୂପେ ଚାରୋଟି ପନ୍ଥା ଅବଲମ୍ବନ କରିଥିଲେ । **ପ୍ରଥମତଃ** ଆପଣ ସ.ଅ ସ୍ୱୟଂ ଯାତ୍ରା କରି ମଦିନାର ଆଖପାଖରେ ଥିବା ଜାତିମାନଙ୍କ ସହିତ ଚୁକ୍ତି କଲେ । **ଦ୍ୱିତୀୟତଃ** ଆପଣ ସ.ଅ ଛୋଟ ଛୋଟ ସନ୍ଦେଶ ପ୍ରେରକ ଗୋଷ୍ଠୀମାନଙ୍କୁ ମଦିନାର ଆଖପାଖ ଅଞ୍ଚଳରେ ପ୍ରେରଣ କରିବାକୁ ଆରମ୍ଭ କରିଦେଲେ । **ତୃତୀୟତଃ** ସେହି ଦଳମାନଙ୍କର ପ୍ରସ୍ଥାନ ଫଳରେ ଦୁର୍ବଳ ମୁସଲମାନମାନଙ୍କୁ ମଦିନା ଆସି ମୁସଲମାନମାନଙ୍କ ସହିତ ମିଶିଯିବାର ଅବସର ପ୍ରାପ୍ତ ହୋଇଗଲା । **ଚତୁର୍ଥତଃ** ଆଁହଜରତ ସ.ଅ ଅବିଶ୍ୱାସକାରୀଙ୍କର ବାଣିଜ୍ୟିକ ଗୋଷ୍ଠୀମାନଙ୍କୁ ଅଟକାଇବାକୁ ଆରମ୍ଭ କରିଦେଲେ ଯେଉଁମାନେ ମକ୍କାରୁ ସିରୀୟା ଅଭିମୁଖେ ଗମନ କରୁଥିଲେ ଏବଂ ମଦିନା ନିକଟବର୍ତ୍ତୀ ଦେଇ ଯାତାୟତ କରୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ ଆଁହଜରତ ସ.ଅଙ୍କ ଜୀବନୀ ପରମ୍ପରା ସଂପର୍କରେ କହିଲେ, ଆଁହଜରତ ସ.ଅଙ୍କ ଜୀବନୀ ପରମ୍ପରାଟି ଆସନ୍ତାରେ ମଧ୍ୟ ଜାରି ରହିବା ସହିତ ନିମ୍ନଲିଖିତ ଚାରିଜଣ ମୃତକମାନଙ୍କର ନମାଜ ଯନାଜାଃ ପଢାଇବାର ଘୋଷଣା କଲେ । **ପ୍ରଥମ** ମୃତକ ହେଲେ ସମ୍ମାନନୀୟ ସ୍ୱର୍ଗତ ଖ୍ୱାଜା ମୁନୀରୁଦ୍ଦୀନ୍ କମର୍ ସାହେବ ଅଫ୍ ୟୁ.କେଙ୍କର । ସ୍ୱର୍ଗତଙ୍କର ଯନାଜାଃ ଉପସ୍ଥିତ ରହିଥିଲା । **ଦ୍ୱିତୀୟ** ଯନାଜାଃ ହେଲା, ସମ୍ମାନନୀୟ ସ୍ୱର୍ଗତ ଡାକ୍ତର ମିର୍ଜା ମୁବଶୀର୍ ଅହେମଦ ସାହେବଙ୍କର । ଆପଣ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କର ପୌତ୍ର ଓ ସମ୍ମାନନୀୟ ଡାକ୍ତର ମିର୍ଜା ମୁନୱର୍ ଅହେମଦ ସାହେବଙ୍କର ସୁପୁତ୍ର ଥିଲେ । ସ୍ୱର୍ଗତ ମୁବଶୀର୍ ସାହେବ ନୱାବ୍ ମୁବାରକା ବେଗମ୍ ସାହେବା ର.ଅଙ୍କର ନାତି ଥିଲେ । ବିଗତ ଦିନ ୭୯ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । **ଇନ୍ନା ଲିଲ୍ଲାଃହି ଓ ଇନ୍ନା ଇଲୈହି ରାଜିଉନ୍** । ସ୍ୱର୍ଗତ ମୁବଶୀର ସାହେବ ଉତ୍ସର୍ଗୀକୃତ ଜୀବନ ଥିଲେ ଓ ରବ୍‌ୱା ସ୍ଥିତ ଫଜ୍‌ଲେ ଉମର ହସ୍ପିଟାଲରେ ପ୍ରାୟ ୫୦ ବର୍ଷ ଧରି ସେ ସେବା ସମ୍ପାଦନ କରିବାର ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ସ୍ୱର୍ଗତ ୧୯୭୩ ମସିହାରୁ ମୃତ୍ୟୁ ପର୍ଯ୍ୟନ୍ତ ୱକ୍‌ଫେ ଜଦିଦ୍ ବୋର୍ଡ଼ର ସଦସ୍ୟ ରହିଥିଲେ । ସ୍ୱର୍ଗତ ଅଭାବିମାନଙ୍କୁ ସାହାଯ୍ୟ କରୁଥିଲେ, ଖିଲାଫତ୍ ସହିତ ତାଙ୍କର ନିବିଡ଼ ସଂପର୍କ ଥିଲା, ଲୋକମାନଙ୍କ ପ୍ରତି ଦୟା ପ୍ରଦର୍ଶନର ବିଶିଷ୍ଟ ଗୁଣ ଦ୍ୱାରା ପରିପୂର୍ଣ୍ଣ ଥିଲେ । କୌଣସି ବାଛ ବିଚାର ନକରି ନିଃସ୍ୱାର୍ଥପର ହୋଇ ରୋଗୀ ସେବା କରୁଥିଲେ, ଜମାଅତ୍‌ର ବ୍ୟବସ୍ଥା ପ୍ରତି ଆଜ୍ଞାକାରୀ, ପୁଣ୍ୟ ସ୍ୱଭାବର ଅଧିକାରୀ ଥିଲେ । **ତୃତୀୟ** ଯନାଜାଃ ହେଉଛି ପାକିସ୍ତାନ୍‌ର ସମ୍ମାନନୀୟ ସ୍ୱର୍ଗତ ସୟେଦ ମେହମୁଦ୍ ଅହେମଦ ସାହେବ ଅଫ୍ ଇସ୍‌ଲାମାବାଦ । **ଚତୁର୍ଥ** ଯନାଜାଃ ହେଉଛି ଫୈସ୍‌ଲାବାଦ ଜିଲ୍ଲାର ସମ୍ମାନନୀୟ ସ୍ୱର୍ଗତ ଶରୀଫ୍ ୱଦେଶୀ ସାହେବ ଅଫ୍ ଅଧିୱାଲୀଙ୍କର । ହୁଜୁର ଅନୱର୍ ଅ.ବ ସମସ୍ତ ମୃତକମାନଙ୍କର ମୋକ୍ଷ ପ୍ରାପ୍ତି ଓ ବୈକୁଣ୍ଠରେ ସ୍ତର ଉନ୍ନୀତ ହେବା ନିମନ୍ତେ ଦୁଆ କଲେ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉୟ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍**

.........................................

KHULASA KHUTBA JUMA HUZOOR ANWAR a.b.a
2nd June. 2023